## ସଂକ୍ଷେପରେ

### ରେଳଧାରଣାରୁ ମହିଳାଙ୍କ ମୃତଦେହ ଜବତ

ବ୍ରହ୍ମପୁର,୨୯।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ସରକାରୀ ରେଳବାଇ ପୋଲିସ (ଜିଆରପି) ରବିବାର ସକାଳେ ଜଣେ ମହିଳାଙ୍କ ମୃତଦେହ ହୁମା ରେଳଧାରଣାରୁ ଜବତ କରିଛି। ତାଙ୍କ ପରିଚୟ ମିଳିନି। କିନ୍ତୁ ବୟସ ୫୦-୫୫ ବର୍ଷ ହେବ ବୋଲି ପୋଲିସ ଅନୁମାନ କରୁଛି। ନଂ. ୧୧୦/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ଏମକେସିଜିକୁ ପଠାଇଛି। ବ୍ୟବଚ୍ଛେଦ ପରେ ମୃତଦେହର ପରିଚୟ ସ୍ପଷ୍ଟ କରିବା ପାଇଁ ସଂରକ୍ଷିତ ରଖାଯାଇଛି। ରେଳଧାରଣ ପାର ହେଉଥିବା ବେଳେ ଟ୍ରେନ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ସନ୍ଦେହ କରୁଛି।

### ଦୁର୍ଘଟଣାରେ ଜଣେ ମୃତ ଜଣେ ଆହତ

ଆସିକା ୨୯।୧୨ (ସୁରେନ୍ଦ୍ର ନାଥ ସାହୁ)

ଆସିକା-କବିସୂର୍ଯ୍ୟନଗର ରାସ୍ତାରେ କଇଁଫୁଲିଆ ଛକ ନିକଟରେ ଶନିବାର ରାତିରେ ଏକ ବାଇକ୍ ସହ ହାଇୱାର ଧକ୍କାରେ ଜଣକର ମୃତ୍ୟୁ ଘଟିଥିଲା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ମୃତକ ଜଣକ ପୁରୁଣା ବ୍ରହ୍ମପୁରର ରବିନାରାୟଣ ମହାନ୍ତି ଓ ଆହତ ଜଣକ ବ୍ରହ୍ମଗିରି ନନ୍ଦପୁର ଗ୍ରାମର କୃଷ୍ଣ ନାୟକ। ଏକ ଘରୋଇ ଅର୍ଥଲଗାଣକାରୀ ସଂସ୍ଥାରେ କର୍ମରତ ଏହି ଦୁଇ କର୍ମଚାରୀ ଋଣ ଟଙ୍କା ସଂଗ୍ରହ କରି ଆସିକା ଫେରୁଥିଲା ବେଳେ ହାୱା ସହ ଧକ୍କା ହୋଇଥିଲା। ଉଭୟଙ୍କୁ ମୁମୂର୍ଷ ଅବସ୍ଥାରେ ଆସିକା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ରବି ନାରାୟଣଙ୍କୁ ମୃତ ଘୋଷଣା କରିଥିଲା ବେଳେ ଆହତ ଜଣକ ଆସିକା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଖବର ପାଇ ଆସିକା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଦେହ ଓ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିଛି। ଘଟଣା ସମ୍ପର୍କରେ ଆସିକା ଥାନାରେ ୮୪୩/୨୪ରେ ଏକ ମାମଲା ରୁଜୁ କରାଯାଇଛି।

### ପ୍ରଥମରୁ ଦଶମ ଯାଏ ପାସ ଫେଲ ଲାଗୁ ଦାବି

ବ୍ରହ୍ମପୁର,୨୯।୧୨(ସ୍ମୃତି ରଂଜନ ମହାଲିକ)

ନୂତନ ଶିକ୍ଷା ନୀତି ଅନୁଯାୟୀ ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ପାସ ଫେଲ ବ୍ୟବସ୍ଥା ଲାଗୁ କରିବା ନିଷ୍ପତ୍ତିକୁ ମାନବ ଅଧିକାର ସୁରକ୍ଷା ମଞ୍ଚ ସମର୍ଥନ କରିଛି। ଏଥି ସହ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଏହି ନିୟମ ଲାଗୁ କରିବାକୁ ମଞ୍ଚ ଦାବି କରିଛି। ଶିଖିବା, ଜାଣିବା, ବୁଝିବାରେ ଶିଶୁଙ୍କ ଆଗ୍ରହ ବୃଦ୍ଧି ଏବଂ ଶିଶୁଙ୍କ ଶିକ୍ଷାର ମାନ ବିକାଶ ପାଇଁ ଏହା ନିହାତି ଆବଶ୍ୟକ। ପରୀକ୍ଷାରେ କୃତକାର୍ଯ୍ୟ ନ ହୋଇଥିବା ଛାତ୍ରୀଛାତ୍ରଙ୍କୁ ୨ ମାସ ପରେ ପୁଣି ପରୀକ୍ଷା ଦେବା ପାଇଁ ପଞ୍ଚମ, ଅଷ୍ଟମ ଶ୍ରେଣୀ ଭଳି ସୁଯୋଗ ଦେବାକୁ ମଧ୍ୟ ଦାବି ହୋଇଛି। ଏଥିସହ ସରକାରୀ କର୍ମଚାରୀଙ୍କ ପିଲାଙ୍କୁ ସରକାରୀ ସ୍କୁଲରେ ନାମ ଲେଖାଇବାକୁ ବାଧ୍ୟତାମୂଳକ ନିୟମ, ସରକାରୀ ସ୍କୁଲରେ ଦୈନିକ ପାଠ୍ୟକ୍ରମରେ ସମୟ ସାରଣୀ ଅନୁଯାୟୀ ସମସ୍ତ ବିଷୟ ପଢ଼ାଯାଉଛି କି ନାହିଁ ନିୟମିତ ତଦାରଖ କରିବା,ଶିକ୍ଷା ସମ୍ବନ୍ଧୀୟ ସମସ୍ତ ସମସ୍ୟାର ଅନୁଧ୍ୟାନ ନିମନ୍ତେ ଅନ୍ତତଃ ପକ୍ଷେ ଗୋଟିଏ ସ୍କୁଲକୁ ଦୈନିକ ଭ୍ରମଣ ଓ ଶିକ୍ଷା ସଚିବଙ୍କ ନିକଟରେ ରିପୋର୍ଟ ପ୍ରଦାନ ପାଇଁ ଜିଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷାଧିକାରୀଙ୍କ ପାଇଁ ନିୟମ ଲାଗୁ କରିବାକୁ ମଞ୍ଚ ଆବାହକ ତଥା ଆଇନଜୀବୀ ଅବନୀ ଗୟା ଦାବି କରିଛନ୍ତି।

### ଲୁଟ ଉଦ୍ୟମ ଅଭିଯୋଗରେ ୩ ଯୁବକଙ୍କୁ ମାଡ଼

ଭଞ୍ଜନଗର,୨୯।୧୨(ବାବୁଲା ପ୍ରଧାନ)

ଭଞ୍ଜନଗର ଥାନା ଅନ୍ତର୍ଗତ ନିଧିଆପଲ୍ଲୀ ବାଇବାଲି ରାସ୍ତାରେ ରବିବାର ଅପରାହ୍ଣରେ ଜଣେ ପଥଚାରୀ ଯାଉଥିଲେ। ଏହି ସମୟରେ ଜଙ୍ଗଲ ରାସ୍ତା ଦେଖି ୪ ଜଣ ଯୁବକ ଆସି ଉକ୍ତ ପଥଚାରୀଙ୍କ ଠାରୁ ମୋବାଇଲ ଫୋନ ସମେତ ଅନ୍ୟ ଜିନିଷ ଚୋରି ଉଦ୍ୟମ କରିଥିଲେ। ଏହି ସମୟରେ ସମ୍ପୃକ୍ତ ରାସ୍ତା ଦେଇ ଯାଉଥିବା ଲୋକେ ଜାଣିବା ପରେ ନିକଟସ୍ଥ ଗ୍ରାମବାସୀଙ୍କୁ ସେମାନେ ସୂଚନା ଦେଇଥିଲେ। ଏହାପରେ ଲୋକେ ରୁଣ୍ଡ ହୋଇ ଅଭିଯୁକ୍ତ ମାନଙ୍କୁ ଗୋଡ଼ାଇ ଥିଲେ। ସେଥି ମଧ୍ୟରୁ ୩ ଜଣଙ୍କୁ କାବୁ କରି ଲୋକେ ନିୟୁକ ପିଟିଥିଲେ। ଅନ୍ୟ ଜଣେ ଖସି ଯାଇଥିଲେ।

# ୫ବର୍ଷରେ ଦୁନିଆର ଆଲୋକ ଦେଖିଲେ ୧୪୨

ବ୍ରହ୍ମପୁର,୨୯।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ଅଙ୍ଗଦାନ ସହ ଏବେ ଚକ୍ଷୁଦାନ ପ୍ରତି ଦିନକୁ ଦିନ ଲୋକଙ୍କ ମଧ୍ୟରେ ଆଗ୍ରହ ବଢ଼ିବାରେ ଲାଗିଛି। ସ୍ୱଇଚ୍ଛାରେ ଆସି ମୃତକଙ୍କ ଆଖିକୁ ସମ୍ପର୍କୀୟମାନେ ଦାନ କରୁଛନ୍ତି ଚକ୍ଷୁଦାନ ଦ୍ୱାରା ଅନେକ ଦୃଷ୍ଟିବାଧିତ ଦୁନିଆର ଆଲୋକ ଦେଖି ପାରୁଛନ୍ତି। ଗଞ୍ଜାମ ଜିଲାରେ ୧୪୨ଜଣ ଲୋକ ଗତ ୫ବର୍ଷରେ ଦୁନିଆର ଆଲୋକ ଦେଖିଛନ୍ତି। ମୃତ୍ୟୁ ପୂର୍ବରୁ ଚକ୍ଷୁ ସଂଗ୍ରହ କରାଯାଇ ଦୃଷ୍ଟିବାଧିତଙ୍କଠାରେ ପ୍ରତିରୋପଣ କରାଯିବା ଦ୍ୱାରା ଏହା ସମ୍ଭବ ହୋଇପାରିଛି ବୋଲି ଏମକେସିଜି ମେଡିକାଲ କଲେଜ ହସପିଟାଲରୁ ମିଳିଥିବା ସୂଚନାରୁ ଜଣାପଡ଼ିଛି। ଗତ ୫ବର୍ଷ ଭିତରେ ୩୦୮ ସ୍ୱଚ୍ଛପଟଳ(କର୍ଣ୍ଣିଆ) ସଂଗ୍ରହ କରାଯାଇଛି। ସେଥିରୁ ୧୪୨ ସ୍ୱଚ୍ଛପଟଳ ସଫଳତାର ସହ ପ୍ରତିରୋପଣ କରାଯାଇଛି। ୨୦୧୯-୨୦ରେ ୮୨ ଚକ୍ଷୁ ସଂଗ୍ରହ ହୋଇଥିଲା। ୨୦୨୧ରେ ୩୦ଟି, ୨୦୨୨ରେ ୪୨ଟି, ୨୦୨୩ରେ ୭୪ଟି, ୨୦୨୪ରେ ୮୦ଟି ଏଭଳି ୫ ବର୍ଷରେ ୩୦୮ କର୍ଣ୍ଣିଆ ସଂଗ୍ରହ କରାଯାଇଛି। ସେହିପରି ୨୦୨୦ରେ ୫୧ଟି, ୨୦୨୧ରେ ୮ଟି, ୨୦୨୨ରେ ୧୪ଟି, ୨୦୨୩ରେ ୩୬ଟି, ୨୦୨୪ରେ ୩୩ଟି ଏଭଳି ୫ବର୍ଷ ମଧ୍ୟରେ ୧୪୨ଟି ପ୍ରତିରୋପଣ ହୋଇଯାଇଛି। ବିଜ୍ଞାନ ଯୁଗରେ ସବୁ କିଛି ସମ୍ଭବ ହେଉଛି। ଦୃଷ୍ଟିବାଧିତମାନେ କେଉଁ କାରଣରୁ ଦେଖିପାରୁନାହାନ୍ତି ତାହା ଜାଣିବାକୁ ହେଲେ ଡାକ୍ତରଙ୍କ ସହ ପରାମର୍ଶ ନେବା ଆବଶ୍ୟକ ବୋଲି କୁହାଯାଇଛି। ସମ୍ପ୍ରତି ଡାକ୍ତର ସେମାନଙ୍କ ସମସ୍ୟା ଜାଣିବେ। ହୁଏତ ସ୍ୱଚ୍ଛପଟଳ ପ୍ରତିରୋପଣ କଲେ ସେ ଦେଖି ପାରିବେ। ସମସ୍ତେ ସଚେତନ ହୋଇ ଦେଶରୁ ଅନ୍ଧତ୍ୱ ଦୂର କରିବା ଆବଶ୍ୟକ ବୋଲି ଡାକ୍ତରମାନେ ମତ ପ୍ରକାଶ କରିଛନ୍ତି। ବିଶେଷ ଭାବେ ସଂଗ୍ରହ ହେଉଥିବା ସମସ୍ତ ସ୍ୱଚ୍ଛପଟଳ ପ୍ରତିରୋପଣ ହୋଇପାରୁନାହିଁ। ଡାକ୍ତରଙ୍କ କହିବା ପ୍ରକାରେ ସଂଗୃହୀତ ସ୍ୱଚ୍ଛପଟଳ ଅଧା ନଷ୍ଟ ହୋଇଯାଇଥାଏ। ଏହାର ବିଭିନ୍ନ କାରଣ ରହିଛି। ଅଧିକ ବୟସ୍କ ବ୍ୟକ୍ତିଙ୍କ ସ୍ୱଚ୍ଛପଟଳ ମଧ୍ୟ କାମରେ ଆସିପାରୁନାହିଁ। ଆଉ କେତେବେଳେ ସ୍ୱଚ୍ଛପଟଳ ସଂଗ୍ରହ ପରେ ତାହା ନଷ୍ଟ ହୋଇଯାଇଥିବା ଜଣାପଡୁଛି। ତେଣୁ ଚକ୍ଷୁଦାନ ଆହୁରି ବ୍ୟାପକ ହେବା ଦରକାର ବୋଲି ଚକ୍ଷୁ ଚିକିତ୍ସା ବିଭାଗ ଡାକ୍ତର ରାଜେନ୍ଦ୍ର ବେହେରା ସୂଚନା ଦେଇଛନ୍ତି। ଅନ୍ୟପଟେ ଏମକେସିଜି ଡିନ ତଥା ପ୍ରଫେସର ଡା. ସୁଚିତ୍ରା ଦାସ କହିଛନ୍ତି ଯେ, ଜଣେ ବ୍ୟକ୍ତିଙ୍କ ମୃତ୍ୟୁର ୬ ଘଣ୍ଟା ଭିତରେ ଚକ୍ଷୁଦାନ କରାଯାଇପାରିବ। ତାହା ବର୍ଷେ ପର୍ଯ୍ୟନ୍ତ ସଂରକ୍ଷିତ ରହିପାରିବ ବୋଲି ସେ କହିଛନ୍ତି। ଯେଉଁ ବ୍ୟକ୍ତିଙ୍କ ମୃତ୍ୟୁର କାରଣ ଜଣାନଥିବ, ଅପରିଚିତ ବ୍ୟକ୍ତି, ଏଚଆଇଭି ପୋଜିଟିଭ, ଜଳାତଙ୍କ ଓ ହେପାଟାଇଟିସ-ବି ରୋଗରେ ଆକ୍ରାନ୍ତ ବ୍ୟକ୍ତିମାନେ ଚକ୍ଷୁଦାନ କରିପାରିବେ ନାହିଁ। ଏଣ୍ଡୋଥେଲିଆଲ ସେଲ ସଂଖ୍ୟା ୩୫ରୁ ତଳକୁ ଖସିଲେ ଦେଖିବାରେ ସମସ୍ୟା ହୋଇଥାଏ। ସେମାନଙ୍କ ପାଇଁ ସ୍ୱଚ୍ଛପଟଳ ପ୍ରତିରୋପଣର ଆବଶ୍ୟକତା ପଡିଥାଏ। ଅନ୍ୟ ପକ୍ଷରେ କିଛି ଲୋକଙ୍କ ସ୍ୱଚ୍ଛପଟଳରେ ସମସ୍ୟା କାରଣରୁ ସେମାନେ ଦେଖିପାରନ୍ତି ନାହିଁ। ଅପ୍ଟିକାଲ କେରୋଟ ପ୍ଲାଷ୍ଟି କରାଗଲେ ସମ୍ପୃକ୍ତ ବ୍ୟକ୍ତିମାନେ ଦେଖିପାରନ୍ତି। କେତେକ ଲୋକଙ୍କ ଆଖିରେ ଘା ହୋଇ ଦୀର୍ଘଦିନ ପର୍ଯ୍ୟନ୍ତ ଭଲ ହୋଇନଥାଏ। ଘା ଶୁଖିବା ପାଇଁ ମଧ୍ୟ ସ୍ୱଚ୍ଛପଟଳ ପ୍ରତିରୋପଣ କରାଯାଇଥାଏ। ଆଉ କିଛି ଲୋକଙ୍କ ସ୍ୱଚ୍ଛପଟଳ ଖଣ୍ଡ ହୋଇଯାଇଥାଏ। ସେ ଦେଖିବାରେ ସମସ୍ୟା ଭୋଗିଥାନ୍ତି। ତାଙ୍କର ବି ସ୍ୱଚ୍ଛପଟଳ ଲାଗିବା ଜରୁରୀ ହୋଇପଡିଛି। ଅସ୍ତ୍ରୋପଚାର କରାଯାଇ ସେମାନଙ୍କ ଆଖିରେ ସ୍ୱଚ୍ଛପଟଳ ପ୍ରତିରୋପଣ କରାଯାଉଛି। କିଛି ଝିଅ ବା ପୁଅଙ୍କ ଆଖିଡୋଳା ସମ୍ପୂର୍ଣ୍ଣ ଭାବେ ପଡି ରହିଥାଏ। ସେମାନେ ଦେଖିପାରନ୍ତି ନାହିଁ। ସେମାନେ ସୌନ୍ଦର୍ଯ୍ୟ ପାଇଁ ସୱଚ୍ଛପଟଳ ବ୍ୟବହାର କରିଥାନ୍ତି। ଜନ୍ମରୁ ସ୍ୱଚ୍ଛପଟଳ ଅସ୍ୱଚ୍ଛ (ଧଳା ଥିଲେ) ତାହାକୁ କର୍ଣ୍ଣିଆଲ ଡେଷ୍ଟ୍ରୋଫି କୁହାଯାଇଥାଏ। ସ୍ୱଚ୍ଛପଟଳ ପ୍ରତିରୋପଣ ପରେ ସେମାନେ ସମ୍ପୂର୍ଣ୍ଣ ଦେଖିପାରିବେ ବୋଲି ଚକ୍ଷୁ ବିଶେଷଜ୍ଞମାନେ ମତ ଦେଇଛନ୍ତି।

## ଟିପିଏସଓଡିଏଲ ପକ୍ଷରୁ ସୌର ପ୍ୟାନେଲ ଉଦ୍‌ଘାଟିତ



ଅତିଥିମାନେ ସୌର ପ୍ୟାନେଲକୁ ଉଦଘାଟନ କରୁଛନ୍ତି।

ବ୍ରହ୍ମପୁର,୨୯।୧୨(ସ୍ମୃତିରଂଜନମହାଲିକ)

ଟିପିଏସଓଡିଏଲ ପକ୍ଷରୁ ପିଏମ ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନାରେ ସହରର ଚିନ୍ମୟୀ ପଣ୍ଡା ସାମିଲ ହୋଇ ନିଜ ଘରେ ପରିବେଶ ଅନୁକୂଳ ୩ କିଲୋୱାଟର ସୌର ପ୍ୟାନେଲ ସ୍ଥାପନ କରିଛନ୍ତି। ଏହି ପ୍ୟାନେଲକୁ ଟିପିଏସଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ ଉଦଘାଟନ କରିଥିଲେ। ଏହି ଯୋଜନା ଅଧିନରେ ସରକାରୀ ସବସିଡି ମିଳିବା ସହ ବିଜୁଳି ବିଲ ହ୍ରାସ ହୋଇଥାଏ। ଏହି ଯୋଜନାରେ ସଭିଏଁ ସାମିଲ ହୋଇ ଏକ ସ୍ୱଚ୍ଛ ଓ ସବୁଜ ଓଡ଼ିଶା ଗଠନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ସବୁଜ ଶକ୍ତିକୁ ପ୍ରୋତ୍ସାହନ ଓ ବ୍ୟୟସାପେକ୍ଷ ବିଜୁଳି ସେବା ବ୍ୟବସ୍ଥା ଦ୍ୱାରା ଅନୁପ୍ରାଣିତ ହୋଇ ଏହି ଯୋଜନାରେ ଅନେକେ ସାମିଲ ହେବାକୁ ଆଗ୍ରହୀ ଅଛନ୍ତି। ବିକ୍ରେତା ସଂସ୍ଥା ଚୟନଠାରୁ ଆରମ୍ଭ କରି ସୌର ପ୍ଲାଣ୍ଟ ସ୍ଥାପନ ପର୍ଯ୍ୟନ୍ତ ସମସ୍ତ ପର୍ଯ୍ୟାୟରେ ଟିପିଏସଓଡିଏଲ ପକ୍ଷରୁ ସବୁ ପ୍ରକାର ସହଯୋଗ ଯୋଗାଇ ଦିଆଯାଉଛି ବୋଲି ସେ କହିଥିଲେ।

## ମାନବ ସମାଜ ସହ ସାହିତ୍ୟ ଅଙ୍ଗାଙ୍ଗୀ ଭାବେ ଜଡ଼ିତ



ଅତିଥିଙ୍କ ଦ୍ୱାରା ପୁସ୍ତକ ଲୋକାର୍ପଣ କରାଯାଉଛି।

ବ୍ରହ୍ମପୁର,୨୯।୧୨(ସ୍ମୃତି ରଂଜନ ମହାଲିକ)

ଜିଲା ଲେଖକ ସାମ୍ମୁଖ୍ୟ ଓ ଲେଖିକା ସାମ୍ମୁଖ୍ୟର ବାର୍ଷିକୋତ୍ସବ ରବିବାର ଉତ୍କଳ ଆଶ୍ରମ ଭାଷା ଭବନ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ରାଜନୀତି ବିଜ୍ଞାନ ବିଶାରଦ ଡ ବିଷ୍ଣୁ ଚରଣ ଚୌଧୁରୀ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଲମ୍ବୋଦର ପାଣିଗ୍ରାହୀ, ସମ୍ମାନନୀୟ ଅତିଥି ରୂପେ ସାହିତ୍ୟିକ ପ୍ରଫେସର କୈଳାସ ନାଥ ସ୍ୱାଇଁ, ଲେଖକ ସତ୍ୟ ନାରାୟଣ ପାଣିଗ୍ରାହୀ, ଉପଦେଷ୍ଟା କବୟିତ୍ରୀ ସ୍ୱର୍ଣ୍ଣପ୍ରଭା ପାଢି, ଲେଖିକା ସାମ୍ମୁଖ୍ୟ ସାଧାରଣ ସମ୍ପାଦିକା ଡ଼ ସୂଚନା ପାଢି ଓ ଲେଖକ ସାମ୍ମୁଖ୍ୟ ସାଧାରଣ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ଯୋଗ ଦେଇଥିଲେ। ମାନବ ସମାଜ ସହ ସାହିତ୍ୟ ଅଙ୍ଗାଙ୍ଗୀ ଭାବରେ ଜଡିତ। ସମାଜରେ ଶୃଙ୍ଖଳା ରକ୍ଷା କରିବା, ସଂସ୍କାର ଆଣିବା ଓ ସାମାଜିକ ଘଟଣାକୁ ବିଶ୍ଳେଷଣ କରି କାବ୍ୟ କବିତା, ଗଳ୍ପ ନାଟକ ଓ ପ୍ରବନ୍ଧ ନିବନ୍ଧରେ ସ୍ଥାନିତ କରିବା ଦ୍ୱାରା ସାମାଜିକ ପରିବର୍ତ୍ତନ ହେବ ବୋଲି ଅତିଥିମାନେ କହିଥିଲେ। ଲେଖକ ସାମ୍ମୁଖ୍ୟ ମୁଖପତ୍ର ଋଷିକୂଲ୍ୟା ଓ ଲେଖିକା ସାମ୍ମୁଖ୍ୟ ମୁଖପତ୍ର ସୃଜନୀ, ଲେଖକ ରାଧା ଚରଣ ନାୟକଙ୍କ ଅଷ୍ଟମ ଆଧ୍ୟାତ୍ମିକ ସଂକଳନ ଜ୍ଞାନ ମନ୍ଦିର, ଅବସରପ୍ରାପ୍ତ ଅଧ୍ୟକ୍ଷ ଦଣ୍ଡପାଣି ମହାପାତ୍ରଙ୍କ କବିତା ସଂକଳନ ନିଆଁ ଧୁଆଁର ଖେଳ, ଶିଶୁ ସାହିତ୍ୟିକା ବସ୍ମିତା କୁମାରୀ ପଣ୍ଡାଙ୍କ ଶିଶୁ ଗଳ୍ପ ସଂକଳନ ଆସ ବୁଲିଯିବା ପରି ରାଇଜ ଓ ଏକାଙ୍କିକା କଳିକା ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଏଥିସହ କବି ରାଧା ଚରଣ ନାୟକଙ୍କୁ ଗୀତା ବିଜୟ ବୈଜୟନ୍ତୀ ସମ୍ମାନ ଓ ଶିକ୍ଷାବିତ ଦଣ୍ଡପାଣି ମହାପାତ୍ର ଏବଂ ଅବସରପ୍ରାପ୍ତ ଅଧ୍ୟକ୍ଷା ସାହିତ୍ୟିକା ଡ. ମନୋରମା ଦାଶଙ୍କୁ ପ୍ରଫେସର ଡ ରବିନାରାୟଣ ମିଶ୍ର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। କବୟିତ୍ରୀ ସୌଦାମିନୀ ମିଶ୍ରଙ୍କ ପୌରୋହିତ୍ୟରେ କବିତା ପାଠୋତ୍ସବ ହୋଇଥିଲା। ଲେଖିକା ସାମ୍ମୁଖ୍ୟ କାର୍ଯ୍ୟକାରୀ ସଭାନେତ୍ରୀ ପ୍ରମୋଦିନୀ ପଣ୍ଡା, ଉପଦେଷ୍ଟା ଉମାରାଣୀ ପଣ୍ଡା ଓ ଉପସଭାନେତ୍ରୀ ପ୍ରମିଳା ମହଲା ଯୋଗ ଦେଇଥିଲେ। ବରିଷ୍ଠ କବୟିତ୍ରୀ ତଥା ସଂଯୋଜିକା ଆରତୀ ଶତପଥୀ ଓ ଯୁବ କବି ବାଇଧର ପତିଙ୍କ ସଂଯୋଜନାରେ ଶତାଧିକ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ଲେଖକ ସାମ୍ମୁଖ୍ୟ ସଭାପତି ହାଡ଼ିବନ୍ଧୁ ମାଳି ଓ ଲେଖିକା ସାମ୍ମୁଖ୍ୟ ସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା ମିଶ୍ର ସଭାପତିତ୍ୱ କରିଥିଲେ। ପ୍ରମୋଦିନୀ ପଣ୍ଡା, ଉମାରାଣୀ ପଣ୍ଡା, ପ୍ରମିଳା ମହଲା, ଡ଼ ମିନତୀ ପଟ୍ଟନାୟକ, ଲିଙ୍ଗରାଜ ଜେନା, ସୁବାସ ଚନ୍ଦ୍ର ନାୟକ, ଗୌରୀଶଙ୍କର ପଟ୍ଟନାୟକ, ଅନୁପ କୁମାର ମିଶ୍ର, ଲଡ୍ଡୁକେଶ ମିଶ୍ର, ତ୍ରିନାଥ ନାୟକ, ଡ଼ ହରିକୃଷ୍ଣ ନାୟକ, ଡ଼ ସୁବ୍ରତ କୁମାର ସାହୁ ଓ ଡ଼ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ମା' ବାପାଙ୍କୁ ଆକ୍ରମଣ, ପୁଅ ଗିରଫ

ବ୍ରହ୍ମପୁର,୨୯।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ମାତାପିତାଙ୍କୁ ନିର୍ଯାତନା ଦେବା ଓ ଆକ୍ରମଣ ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୋଲିସ ପୁଅଙ୍କୁ ଗିରଫ କରିଛି। ସେ ହେଲେ ଲାଞ୍ଜିପଲ୍ଲୀ ଚଣ୍ଡୀମଣ୍ଡିର ସାହିର ଗଣେଶ ପାଣିଗ୍ରାହୀ (୪୦)। ରବିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗଣେଶଙ୍କ ମାଆ ଓ ବାପା ପେନସନ ପାଉଛନ୍ତି। ପ୍ରତିମାସରେ ପେନସନ ମିଳିବା ପରେ ତାଙ୍କୁ ଟଙ୍କା ମାଗୁଥିଲେ। ପୁଅ ସେମାନଙ୍କ ଭରଣପୋଷଣ କରିବା ପରିବର୍ତ୍ତେ ତାଙ୍କୁ ନିର୍ଯାତନା ଦେଉଥିଲେ। ପୁଅ ସୁଧୁରିବା ପରିବର୍ତ୍ତେ ଦିନକୁ ଦିନ ନିର୍ଯାତନା ଅସହ୍ୟ ହେଉଥିଲା। ତଥାପି ପାତାମିତା ସହୁଥିଲେ। ଗତ ୧୮ତାରିଖ ରାତି ସାଢ଼େ ୧୦ଟା ବେଳେ ଗଣେଶ ମଦ୍ୟପାନ କରି ଘରକୁ ଆସି ତାଙ୍କ ମାଆଙ୍କୁ ଆକ୍ରମଣ କରିଥିଲେ। ଜୀବନ ପ୍ରତି ବିପଦ ଥିବା ଜାଣି ତାଙ୍କ ବାପା ଏନେଇ ଥାନାରେ ଅଭିଯୋଗ କରିଥିଲେ।

### ବାହାର ଜିଲାରୁ ବ୍ରହ୍ମପୁର ଆସିବେ ୩ ଇନ୍ସପେକ୍ଟର

ବ୍ରହ୍ମପୁର,୨୯।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ରାଜ୍ୟ ପୋଲିସ ପକ୍ଷରୁ ଇନ୍ସପେକ୍ଟର ସ୍ତରରେ ବଡ ଧରରଣର ଅଦଳବଦଳ କରାଯାଇଛି। ସେହିକ୍ରମରେ ବାହାର ପୋଲିସ ଜିଲାରେ କାର୍ଯ୍ୟରତ ୩ ଇନ୍ସପେକ୍ଟରଙ୍କୁ ବ୍ରହ୍ମପୁର ପୋଲିସ ଜିଲାକୁ ବଦଳି ହୋଇଛି। ସେମାନେ ହେଲେ ଗଜପତି ପୋଲିସ ଜିଲାରେ କାର୍ଯ୍ୟରତ ପ୍ରଶାନ୍ତ ଭୂପତି, ଯାଜପୁରରେ କାର୍ଯ୍ୟରତ ସୁଭେନ୍ଦୁ କୁମାର ସାହୁ ଓ ଭଦ୍ରକରେ କାର୍ଯ୍ୟରତ ଏସ. ଦାଶରଥି ପାତ୍ର। ଏପଟେ ବ୍ରହ୍ମପୁର ପୋଲିସ ଜିଲାରେ କାର୍ଯ୍ୟରତ ୪ ଇନ୍ସପେକ୍ଟରଙ୍କୁ ବାହାର ପୋଲିସ ଜିଲାକୁ ବଦଳି ହୋଇଛି। ସେମାନେ ହେଲେ ଲିସାରାଣୀ ସେଠୀ, ଶରତ କୁମାର ମହାଲିକ, ଭୈରବ କୁମାର ଭୂୟାଁ ଓ ଜନ୍ମେଜୟ ମଲ୍ଲିକ। ସେହିପରି ଗଞ୍ଜାମ ପୋଲିସ ଜିଲାର ଏକାଧିକ ଇନ୍ସପେକ୍ଟରଙ୍କୁ ବାହାର ଜିଲାକୁ ବଦଳି ହୋଇଥିବା ବେଳେ ବାହାର ପୋଲିସ ଜିଲାରୁ ଏକାଧିକ ଇନ୍ସପେକ୍ଟର ଗଞ୍ଜାମକୁ ଆସିବେ ବୋଲି ଜଣାପଡିଛି।

## ବରିଷ୍ଠ ନାଗରିକଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ ଦାବି



ବୈଠକରେ ଉପସ୍ଥିତ ସଂଘର ସଦସ୍ୟବୃନ୍ଦ।

ବ୍ରହ୍ମପୁର,୨୯।୧୨(ସ୍ମୃତିରଂଜନମହାଲିକ)

ବିଜୁ ପଟ୍ଟନାୟକ ସିନିଅର ସିଟିଜେନ ଫୋରମର ସାଧାରଣ ପରିଷଦ ବୈଠକ ରବିବାର ସନ୍ତୋଷୀ ମାଁ ମନ୍ଦିର କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫୋରମର ସଭାପତି ପ୍ରଫେସର ଜୟନ୍ତ କୁମାର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ନାଗରିକଙ୍କୁ ତୁରନ୍ତ ବର୍ଦ୍ଧିତ ହାରରେ ୩୦୦୦ ଟଙ୍କା ଭତ୍ତା, ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ସମସ୍ତ ବରିଷ୍ଠ ନାଗରିକଙ୍କୁ ଲାଗୁ, ଜିଲା ବରିଷ୍ଠ ନାଗରିକ ପରିଷଦ ଗଠନ ଓ ପୋଲିସ ପରିଚୟ ପତ୍ର ପ୍ରଦାନ ପ୍ରମୁଖ ଦାବି ସମ୍ପର୍କରେ ଆଲୋଚନା ହୋଇଥିଲା। ସାଧାରଣ ସମ୍ପାଦକ ସୀମାଞ୍ଚଳ ପ୍ରସାଦ ବିଷୋୟୀ ଗତ ବୈଠକର ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ମନମୋହନ ପରିଚ୍ଛା ଆର୍ଥିକ ବିବରଣୀ ପ୍ରଦାନ କରିଥିଲେ। ସମ୍ପାଦକ ଭୀଷ୍ମାଚାର୍ଯ୍ୟ ଚୌଧୁରୀ, ପୂର୍ଣ୍ଣ ମହାରଣା, ପ୍ରଶାନ୍ତ କୁମାର ମହାପାତ୍ର, ଦେବରାଜ କୋଠିଆ, ନୀଳମାଧ ପାତ୍ରଙ୍କ ସମେତ ଫୋରମର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଫାର୍ମାସିଷ୍ଟଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ




ଅତିଥିମାନେ 'ଫାର୍ମା ଡାଇରେକ୍ଟୋରି' ଉନ୍ମୋଚନ କରୁଛନ୍ତି।

ବ୍ରହ୍ମପୁର,୨୯।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ଓଡ଼ିଶା ଫାର୍ମାସିଷ୍ଟ ସେବା ସଂଘର ୩୫ ତମ ପ୍ରତିଷ୍ଠା ଦିବସ ଧର୍ମନଗର ସ୍ଥିତ ରୋଟାରି କ୍ଲବ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏମକେସିଜି ମେଡିକାଲ ଓ ଗଞ୍ଜାମ ଶାଖାର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରାୟ ମୁଖ୍ୟଅତିଥି, ଏମକେସିଜି ମେଡିକାଲର ଷ୍ଟୋର ମେଡିକାଲ ଅଫିସର ଡା. ଚିନ୍ମୟ ଦେବାଶିଷ ପଣ୍ଡା ସମ୍ମାନନୀୟ ଅତିଥି ଥିଲେ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଫାର୍ମାସିଷ୍ଟଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଫାର୍ମାସିଷ୍ଟ ଓ ସଂଘର ପୂର୍ବତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏମକେସିଜିର ଫାର୍ମାସୀ ଅଫିସର ସୁଶାନ୍ତ କୁମାର ପ୍ରଧାନଙ୍କ ଦ୍ୱାରା ପ୍ରସ୍ତୁତ ପୁସ୍ତକ 'ଫାର୍ମା ଡାଇରେକ୍ଟୋରି' ଉନ୍ମୋଚିତ ହୋଇଥିଲା। ବରିଷ୍ଠ ଫାର୍ମାସିଷ୍ଟ ବିଷ୍ଣୁପ୍ରସାଦ ପଣ୍ଡା, ନବୀନ କୁମାର ମହାପାତ୍ର, ଏମକେସିଜି ଫାର୍ମାସୀ ସଂଘ ସଭାପତି ସୀମାଞ୍ଚଳ ସାହୁ, ସମ୍ପାଦକ ଲୋକନାଥ ସାହୁ, ଗଞ୍ଜାମ ଶାଖା ଫାର୍ମାସୀ ସଂଘ ସଭାପତି ସୁଧାକର ପାଣିଗ୍ରାହୀ, ସମ୍ପାଦକ ତ୍ରିନାଥ ବେହେରା, ସାଂଗଠନିକ ସମ୍ପାଦକ ସଂଗ୍ରାମ ଆଚାରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କିରଣ ସୁବୁଧି, କାହ୍ନା ଜେନା, ସଞ୍ଜୟ ସ୍ୱାଇଁ, ଶଙ୍କର ଜେନା, ଶଶାଙ୍କ ଶେଖର ପଣ୍ଡା ଓ ରଶ୍ମିରଞ୍ଜନ ସାହୁ ସହଯୋଗ କରିଥିଲେ।

## ଯୁବମୋର୍ଚ୍ଚା ରକ୍ତଦାନ ଶିବିରରୁ ୧୪୬ ୟୁନିଟ୍ ସଂଗୃହୀତ

ବ୍ରହ୍ମପୁର,୨୯।୧୨(ନରସିଂହ ସାହୁ)

ଗଞ୍ଜାମ ସାଙ୍ଗଠନିକ ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ରବିବାର ବ୍ରହ୍ମପୁର ଟାଉନ ହଲରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ ବର୍ଷ ପାଳନ ଅବସରରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଶିବିରକୁ ମନ୍ତ୍ରୀ ବିଭୂତି ଜେନା ଉଦ୍‌ଘାଟନ କରିଥିବା ବେଳେ ଏଥିରେ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଉପସ୍ଥିତ ଥିଲେ। ପାର୍ଟିର ବରିଷ୍ଠ ନେତା କାହ୍ନୁ ଚରଣ ପତି, ଯୁବମୋର୍ଚ୍ଚା ରାଜ୍ଯ ସାଧାରଣ ସମ୍ପାଦକ ତୁତୁନ ପାତ୍ର, ମହିଳା ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦିକା ବବିତା ପାତ୍ର ଉପସ୍ଥିତ ଥିଲେ। ଯୁବମୋର୍ଚ୍ଚା ଜିଲା ସଭାପତି ଶିବ ଶଙ୍କର ନାୟକ ସଂଯୋଜନା କରିଥିଲେ। ଶିବିରରୁ ୧୪୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସଂଗୃହିତ ରକ୍ତ ବଡ଼ ମେଡିକାଲ ରେଡକ୍ରସ ରକ୍ତ ଭଣ୍ଡାର ନିଆଯାଇଥିଲା। ଏବେ ହୋଇଥିବା ରକ୍ତ ସଙ୍କଟ ଟାଳିବାରେ ଏହା ସହାୟକ ହେବ। ତେଣୁ ଲୋକେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିବାକୁ ଉଦ୍‌ଘାଟନୀ ସମାବେଶରେ ମନ୍ତ୍ରୀ ଜେନା ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ଜିଲା ସାଧାରଣ ସମ୍ପାଦକ ପ୍ରଭାତ ଷଡ଼ଙ୍ଗୀ, ଯୁବମୋର୍ଚ୍ଚା ଜିଲା ଯୁବ ମୋର୍ଚ୍ଚା ଉପସଭାପତି ବାପି ପ୍ରଧାନ, ସାଧାରଣ ସମ୍ପାଦକ କେ. ରବି ରାଓ ଯୋଗ ଦେଇଥିଲେ। ଓବିସି ମୋର୍ଚ୍ଚା ଜିଲା ସଭାପତି ମଦନ ମୋହନ ପାତ୍ର, ଆଇନଜୀବୀ କୁଞ୍ଜ ବିହାରୀ ପଣ୍ଡାଙ୍କ ସମେତ ଶକ୍ତି ପଟ୍ଟନାୟକ, ଅମର ସାହୁ, ସିରଡ଼ି ବିକ୍ରମ, ଶୀତଳ ଜେନା, ମନୋଜ ମହାରଣା, ସଞ୍ଜୟ ଦାସ ଏବଂ ଭାଜପା ଓ ଯୁବମୋର୍ଚ୍ଚାର କାର୍ଯ୍ୟକର୍ତ୍ତାମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଗଞ୍ଜାମର ଲୋକ ସଂସ୍କୃତି ଓ ଆମ ଅସ୍ମିତା ଶୀର୍ଷକ ଆଲୋଚନାଚକ୍ର

ବ୍ରହ୍ମପୁର,୨୯।୧୨(ଅଶୋକ କୁମାର ସାହୁ)




କଳାକାରମାନେ ଲୋକନୃତ୍ୟ ପରିବେଷଣ କରୁଛନ୍ତି।

ସ୍ଥାନୀୟ ଟାଉନ ହଲରେ ଅନ୍ୱେଷା କଳା କେନ୍ଦ୍ର ଏବଂ ପ୍ରେସିଡେନ୍ସି କଲେଜ ସହଯୋଗରେ ଚାଲିଥିବା ୬ଷ୍ଠ ଗଞ୍ଜାମ ଜିଲା ସାଂସ୍କୃତିକ ମହୋତ୍ସବ ରବିବାର ସରିଛି। ଲୋକ ସଂସ୍କୃତି ଉନ୍ନୟନ ପରିଷଦ ସହଯୋଗରେ 'ଗଞ୍ଜାମର ଲୋକ ସଂସ୍କୃତି ଓ ଆମ ଅସ୍ମିତା' ଶୀର୍ଷକ ଆଲୋଚନାଚକ୍ର ଲୋକ ନୃତ୍ୟବିତ କୃଷ୍ଣ ଚନ୍ଦ୍ର ନିଶଙ୍କଙ୍କ ସଭାପତିତ୍ୱରେ ହୋଇଥିଲା। ବରିଷ୍ଠ ଲୋକନୃତ୍ୟ ଗୁରୁ ନବଘନ ପରିଡା, ସନ୍ତୋଷ ପାଢ଼ୀ, ଆଲୋକ ବିଷୋୟୀ, ରାଜେନ୍ଦ୍ର ପାତ୍ର ପ୍ରମୁଖ ୩୦ ଲୋକ କଳାକାର ଏଥିରେ ଭାଗ ନେଇ ଥିଲେ। ଉଦଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ଆକାଶବାଣୀ ବ୍ରହ୍ମପୁର କେନ୍ଦ୍ରର କାର୍ଯ୍ୟକ୍ରମ ଉଦ୍ ଘୋଷିକା ଅମିତା ଦାସ, ଶିକ୍ଷାବିତ କାଳିଚରଣ ସାହୁ, ବିଜେଡି ନେତା ସୁବାସ ମହାରଣା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ ବିପ୍ର ଚରଣ ଭୂୟାଁ ପ୍ରମୁଖ ଅତିଥି ଥିଲେ। ବରିଷ୍ଠ କଳାକାର ରାଜୁ ପାଢ଼ୀ, କେଦାର ଅପ୍ପା, ରମେଶ ମହାରଣା, କୃଷ୍ଣ ଚନ୍ଦ୍ର ସିଂ, କେ.ବଳରାମ ଦାସ, ନବଘନ ପରିଡା, ସନ୍ତୋଷ ପାଢ଼ୀ, ସ୍ୱର୍ଣ୍ଣପ୍ରଭା ପାଢ଼ୀ ପ୍ରମୁଖଙ୍କୁ ଉଦୟନାଥ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଅନ୍ୱେଷା କଳାକେନ୍ଦ୍ରର ନିର୍ଦ୍ଦେଶିକା ଉଷାରାଣୀ ମହାପାତ୍ର ସଭାପତିତ୍ୱ କରିଥିଲେ। ଡ ମିହିର କୁମାର ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛତ୍ରପୁରର ପ୍ରଗତି ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସୁଧାଂଶୁ ଶତପଥୀ ଏବଂ ସାଥୀ କଠଉ ନବଦୁର୍ଗା ଲୋକନୃତ୍ୟ ପରିବେଷଣ କରିଥିଲେ।

No.A-791

ଓଡ଼ିଶା ସରକାର
ଜଳ ସମ୍ପଦ ବିଭାଗ
ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା
ଟେଲିଫୋନ ନମ୍ବର- (06856)-291081 & ଇ-ମେଲ୍: eemirgd@ymail.com
ବୈଦ୍ୟୁତିକ ସଂଗ୍ରହଣ ବିଜ୍ଞପ୍ତି
ନିଲାମ ଡାକର ସଂଖ୍ୟା ଅନ୍‌ଲାଇନ -୦୮/କ୍ଷୁ:ଜ:ବି ରାୟଗଡ଼ା / ୨୦୨୪-୨୫
(BID IDENTIFICATION NO. ONLINE- 08 / MID RGD/ 2024-25)
ପତ୍ର ସଂଖ୍ୟା: ୪୯୩୬// କ୍ଷୁ:ଜ:ବି ରାୟଗଡ଼ା//ତାରିଖ ୨୬।୧୨।୨୦୨୪

ମହାମହିମ ରାଜ୍ୟପାଳ, ଓଡ଼ିଶାଙ୍କ ତରଫରୁ ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା ଦ୍ୱାରା ଶତକଡ଼ା ହାର ଚୁକ୍ତି (Percentage Rate Contract) ରେ ଯୋଡ଼ା ଆବରଣ ପଦ୍ଧତି (Double Cover System) ଦ୍ୱାରା ବୈଦ୍ୟୁତିକ ସଂଗ୍ରହଣ ବିଜ୍ଞପ୍ତି ଅନ୍‌ଲାଇନ ଜରିଆରେ ନିମ୍ନ ସାରଣୀ ମାଧ୍ୟମରେ ଟେଣ୍ଡର ଆହ୍ୱାନ କରାଯାଉଛି।

| | | | |
|---|---|---|---|
| ୧ | କାମର ନାମ | : | ରାୟଗଡ଼ା ଜିଲ୍ଲାରେ କାପେକ୍ସ ଲାଇନିଙ୍ଗ (CAPEX Lining) ଯୋଜନାରେ ବାରିଡ଼ି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ମୁଖ୍ୟ କେନାଲ ଓ ସିଙ୍ଗୁବାଇ ମାଇନର କେନାଲର ସିମେଣ୍ଟ କଂକ୍ରିଟ୍ ଲାଇନିଂ ନିର୍ମାଣ |
| ୨ | ସର୍ବମୋଟ କାମର ସଂଖ୍ୟା | : | ୦୧ (ଏକ) ମାତ୍ର |
| ୩ | ଅଟକଳ ମୂଲ୍ୟ | : | ଆନୁମାନିକ ୫୮.୫୦ ଲକ୍ଷ |
| ୪ | ଠିକାଦାରଙ୍କ ଶ୍ରେଣୀ | : | ଯାହା କାର୍ଯ୍ୟର ପାର୍ଶ୍ୱରେ ଉଲ୍ଲିଖିତ |
| ୫ | କାର୍ଯ୍ୟର ସମାପ୍ତି କାଳ | : | ଯାହା କାର୍ଯ୍ୟର ପାର୍ଶ୍ୱରେ ଉଲ୍ଲିଖିତ |
| ୬ | ନିଲାମ ଉପଲବ୍ଧିର ତାରିଖ ଓ ସମୟ | : | ତା୦୧।୦୧।୨୦୨୫ରିଖ ଦିବା ୧୦.୦୦ ଘଟିକାଠାରୁ ତା୧୦।୦୧।୨୦୨୫ରିଖ ସନ୍ଧ୍ୟା ୫.୩୦ ଘଟିକା ପର୍ଯ୍ୟନ୍ତ |
| ୭ | ନିଲାମ ପ୍ରାପ୍ତିର ଶେଷ ତାରିଖ ଓ ସମୟ | : | ତା୧୦।୦୧।୨୦୨୫ରିଖ ସନ୍ଧ୍ୟା ୫.୩୦ ଘଟିକା ପର୍ଯ୍ୟନ୍ତ |
| ୮ | ଯାନ୍ତ୍ରିକ ନିଲାମ ଖୋଲିବା ତାରିଖ ଓ ସମୟ ଏବଂ ସ୍ଥାନ | : | ତା୧୩।୦୧।୨୦୨୫ରିଖ ଦିବା ୧୧.୦୦ ଘଟିକା ଏବଂ ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ାଙ୍କ କାର୍ଯ୍ୟାଳୟ |
| ୯ | ନିଲାମ ଆମନ୍ତ୍ରଣ ଅଧିକାରୀଙ୍କ ନାମ ଓ ଠିକଣା | : | ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା କାର୍ଯ୍ୟାଳୟ |
| ୧୦ | ନିଲାମରେ ଭାଗନେବା ଓ ନିଲାମ ସୁରକ୍ଷା ଦେୟ ପୈଠ କରିବାର ପଦ୍ଧତି | : | ଅନ୍‌ଲାଇନ |

ସ୍ୱା./- ଅଧୀକ୍ଷଣ ଯନ୍ତ୍ରୀ
କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା
OIPR-32524/11/0012/2425

